# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**28 November - 2024**

**News Editor : *Itishree Singh Rathaur***

*********************************

## ମୁଖ୍ୟ ସମ୍ବାଦ

- ପୁଲିସ ଡିଜି ସମ୍ମିଳନୀ ଓ ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଆସନ୍ତାକାଲି ଠାରୁ ତିନିଦିନିଆ ଓଡ଼ିଶା ଗସ୍ତରେ ଆସିବେ ପ୍ରଧାନମନ୍ତ୍ରୀ ।
- ବିଧାନସଭାରେ ପାରିତ ହେଲା ଓଡ଼ିଶା ଦ୍ରବ୍ୟ ଓ ସେବାକର ଦ୍ୱିତୀୟ ସଂଶୋଧନ ବିଲ୍ ।
- ରାଜ୍ୟରେ ମହିଳା ବିରୋଧି ହିଂସା ମାମଲାର ତୁରନ୍ତ ସମାଧାନ ପାଇଁ ପ୍ରତିଷ୍ଠା ହେବ ଚାରୋଟି ଫାଷ୍ଟଟ୍ରାକ୍ କୋର୍ଟ ।

ଏବଂ

- ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହେଲା ରାଜ୍ୟସ୍ତରୀୟ କ୍ରୀଡ଼ା ମହୋତ୍ସବ 'ଉତ୍ସାହ' ।

***BBSR***

# ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତାକାଲିଠାରୁ ତିନିଦିନିଆ ଓଡ଼ିଶା ଗସ୍ତରେ ଆସି ଅପରାହ୍ନରେ ଭୁବନେଶ୍ୱରରେ ପହଞ୍ଚିବେ। ମିଳିଥିବା ସୂଚନା ଅନୁସାରେ ପ୍ରଧାନମନ୍ତ୍ରୀ ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେବେ। ପ୍ରଧାନମନ୍ତ୍ରୀ ବିଜେପିର ବରିଷ୍ଠ ପଦାଧିକାରୀ, ବିଧାୟକ ଏବଂ ସାଂସଦମାନଙ୍କ ସହ ଆଲୋଚନା କରିବେ। ଏହି ସମୟ ମଧ୍ୟରେ ପ୍ରଧାନମନ୍ତ୍ରୀ ପୁଲିସ ମହାନିର୍ଦ୍ଦେଶକଙ୍କ ସମ୍ମିଳନୀରେ ମଧ୍ୟ ଯୋଗଦେବାର କାର୍ଯ୍ୟସୂଚୀ ରହିଛି। ଶ୍ରୀ ମୋଦୀ ୧ ତାରିଖ ରବିବାର ଦିନ ଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବେ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି।

ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ଆଜି କମିଶନରେଟ୍ ପୁଲିସ ପକ୍ଷରୁ କାର୍‌କେଡ୍ ରିହରସଲ୍ ହୋଇଛି। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ସ୍ଥାନକୁ ନୋ ଫ୍ଲାଇଙ୍ଗ ଜୋନ୍ ଘୋଷଣା କରିବା ସହ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି।

***BBSR***

# ବିଧାନସଭା–୧

ଓଡ଼ିଶା ଦ୍ରବ୍ୟ ଓ ସେବାକର ଦ୍ୱିତୀୟ ସଂଶୋଧନ ବିଲ୍ ଆଜି ବିଧାନସଭାରେ ପାରିତ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ବିଲ୍‌କୁ ଗତକାଲି ଗୃହରେ ଉପସ୍ଥାପିତ କରିଥିଲେ। ତେବେ ଆଜି ଗୃହରେ ଏହି ବିଲ୍ ସଂକ୍ରାନ୍ତରେ ବିଚାର ଆଲୋଚନା ହେବାପରେ ଶେଷରେ

ମୁଖ୍ୟମନ୍ତ୍ରୀ ନିଜର ବିବୃତି ରଖିବା ପରେ ଏହା ପାରିତ ହୋଇଛି। ଆଲୋଚନାରେ ବିଧାୟକ ଇରାଶିଷ ଆଚାର୍ଯ୍ୟ, ରାମଚନ୍ଦ୍ର କାଡାମ୍, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଗଣେଶ୍ୱର ବେହେରା, ନିରଞ୍ଜନ ପୂଜାରୀ ଏବଂ ସୋଫିଆ ଫିର୍‌ଦୋସ୍ ଅଂଶଗ୍ରହଣ କରିଥିଲେ।

***BBSR***

## ବିଧାନସଭା-ଆଇନମନ୍ତ୍ରୀ

ରାଜ୍ୟରେ ସରକାର ୪ଟି ଫାଷ୍ଟଟ୍ରାକ୍ କୋର୍ଟ ପ୍ରତିଷ୍ଠା କରିବାକୁ ପଦକ୍ଷେପ ନେଉଛନ୍ତି ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଆଜି ବିଧାନସଭାରେ ଆଗତ ଏକ ମୁଲତବୀ ପ୍ରସ୍ତାବ ଆଲୋଚନାର ଉତ୍ତର ରଖି କହିଛନ୍ତି। ମନ୍ତ୍ରୀ କହିଛନ୍ତି ମହିଳା ବିରୋଧି ହିଂସାକୁ ନେଇ ସରକାର ଶୂନ୍ୟ ସହନଶୀଳ ନୀତି ଅବଲମ୍ବନ କରୁଛନ୍ତି। ରାଜ୍ୟରେ ନ୍ୟାସନାଲ ଫରେନସିକ୍ ବିଶ୍ୱବିଦ୍ୟାଳୟର ଦ୍ୱିତୀୟ ଶାଖା ଖୋଲିବ, ଯାହାଦ୍ୱାରା ତଦନ୍ତ ପ୍ରକ୍ରିୟା ତ୍ୱରାନ୍ୱିତ ହେବ ବୋଲି ଶ୍ରୀ ହରିଚନ୍ଦନ ସୂଚନା ଦେଇଛନ୍ତି।

***BBSR***

## ବିଧାନସଭା

ଭୁବନେଶ୍ୱରରେ ଆସନ୍ତାକାଲିଠାରୁ ସର୍ବଭାରତୀୟ ପୁଲିସ ମହାନିର୍ଦ୍ଦେଶକଙ୍କ ସମ୍ମିଳନୀ ଏବଂ ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ଦୃଷ୍ଟିରେ ରଖି ବିଧାନସଭା ଆସନ୍ତାକାଲି ଏବଂ ଶନିବାର ଦିନ ବନ୍ଦ ରହିବ ବୋଲି ବିଧାନସଭା ସୂତ୍ରରୁ ପ୍ରକାଶ ପାଇଛି। ବାଚସ୍ପତି ସୁରମା ପାଢ଼ୀ ଗୃହକାର୍ଯ୍ୟ

ପରାମର୍ଶଦାତା କମିଟି ବୈଠକର ପରାମର୍ଶ ଆଧାରରେ ଏହି ନିଷ୍ପତ୍ତି ନେଇଛନ୍ତି।

***Cuttack***

## ଓଡ଼ିଶା ହାଇକୋର୍ଟ

ଓଡ଼ିଶା ହାଇକୋର୍ଟରେ ଆଜି କଟକ ସହର ସମସ୍ୟା ସମ୍ପର୍କିତ ଜନସ୍ୱାର୍ଥ ମାମଲାର ଶୁଣାଣି ହୋଇଥିଲା। ସହରରେ ଡେଙ୍ଗୁ ମଶାର ପ୍ରାଦୁର୍ଭାବ ବୃଦ୍ଧିକୁ ନେଇ ହାଇକୋର୍ଟ ଉଦ୍‌ବେଗ ପ୍ରକାଶ କରିଥିଲେ। ଏ ନେଇ ତୁରନ୍ତ ପଦକ୍ଷେପ ନେବାକୁ କଟକ ମହାନଗର ନିଗମକୁ ନିର୍ଦ୍ଦେଶ ଦେଇଛନ୍ତି। ନିକଟରେ ସରିଥିବା ବାଲିଯାତ୍ରା ପଡ଼ିଆରେ ଆବର୍ଜନା ପଡ଼ିରହିଥିବା ବେଳେ ଏହା ମଶାବଂଶ ବୃଦ୍ଧିରେ ଅନ୍ୟତମ କାରଣ ହୋଇଥାଇପାରେ ବୋଲି ହାଇକୋର୍ଟ ମନ୍ତବ୍ୟ ଦେଇଥିଲେ। ଏହି ମାମଲାରେ ଆଭାସୀ ମାଧ୍ୟମରେ କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଓସାହେବ ସିନ୍ଧେ ଉପସ୍ଥିତ ଥିଲେ। ଆସନ୍ତା ୩୦ ତାରିଖ ସୁଦ୍ଧା ବାଲିଯାତ୍ରା ପଡ଼ିଆ ସଫେଇ ହେବାନେଇ ଜିଲ୍ଲାପାଳ ହାଇକୋର୍ଟଙ୍କୁ ଅବଗତ କରାଇଛନ୍ତି।

***HS***

## ମହକ ଓ ଉତ୍ସାହ-୨୦୨୪

ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମଠାରେ ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ସମିତି ଓ ମହିଳା ଶିଶୁ ବିକାଶ ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ଶିଶୁ କ୍ରୀଡ଼ା ମହୋତ୍ସବ 'ଉତ୍ସାହ-୨୦୨୪' ଅନୁଷ୍ଠିତ ହୋଇଛି। ମୁଖ୍ୟମନ୍ତ୍ରୀ

ମୋହନ ଚରଣ ମାଝୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ରାଜ୍ୟରେ କ୍ରୀଡ଼ା ଭିତ୍ତିଭୂମି ସୁଦୃଢ଼ କରିବା ପାଇଁ ସରକାର ଗୁରୁତ୍ୱ ଦେଉଛନ୍ତି ବୋଲି କହିଛନ୍ତି । କ୍ରୀଡ଼ା ପାଇଁ ସରକାରୀ ସ୍ତରରେ ପ୍ରଶିକ୍ଷଣ ଓ ପ୍ରୋତ୍ସାହନ ସୁବିଧା ଯୋଗାଇ ଦିଆଯାଇ ରାଜ୍ୟର ନବପ୍ରତିଭାଶାଳୀମାନଙ୍କୁ ସୁଯୋଗ ଦେବା ନିମନ୍ତେ ପ୍ରଚେଷ୍ଟା କରାଯାଉଛି । ବିକଶିତ ଓଡ଼ିଶା ନିର୍ମାଣରେ କ୍ରୀଡ଼ା କ୍ଷେତ୍ରର ବିଶେଷ ଯୋଗଦାନ ରହିଛି । ଏଥିନିମନ୍ତେ ସରକାର’ ଯୁବବର୍ଗଙ୍କ ପ୍ରତିଭାର ବିକାଶ ସହ ସୃଜନଶୀଳତାର ପରିପ୍ରକାଶ ପାଇଁ ‘ଉତ୍ସାହ’ ଭଳି ଅନେକ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

***BBSR, Puri***

## ନୌସେନା ଦିବସ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଆଜି ନୌସେନାର କମୋଡୋର ଦୀପକ ଅନିଲ ସାକ୍ଷାତ କରି ନୌସେନା ଦିବସ ପାଳନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଛନ୍ତି । ଭୁବନେଶ୍ୱର ଲୋକସେବା ଭବନରେ ଆସନ୍ତା ଡିସେମ୍ବର ୪ ତାରିଖରେ ପୁରୀ ବ୍ଲୁ ଫ୍ଲାଗ୍ ବେଳାଭୂମିରେ ଆୟୋଜନ ହେବାକୁ ଥିବା କାର୍ଯ୍ୟକ୍ରମ ସମ୍ପର୍କରେ ସେ ମୁଖ୍ୟମନ୍ତ୍ରୀଙ୍କୁ ବିସ୍ତୃତ ସୂଚନା ଦେଇଛନ୍ତି ।

ସୂଚନା ଅନୁସାରେ ପୁରୀ ବେଳାଭୂମିରେ ନୌସେନାର ସମରାଭ୍ୟାସ ଆରମ୍ଭ ହୋଇଛି । ଡିସେମ୍ବର ୪ ତାରିଖ ନୌସେନା ଦିବସ ପାଳନ ଉପଲକ୍ଷେ ନୌସେନା ପକ୍ଷରୁ ପରାକ୍ରମ ଓ ଯୁଦ୍ଧକୌଶଳ ପ୍ରଦର୍ଶନ କରାଯିବ । ନୌସେନାର ପ୍ରାୟ ୧୪ ଯୁଦ୍ଧଜାହାଜ ପୁରୀ ସମୁଦ୍ର

ଉପକୂଳରେ ପଇଁତରା ମାରୁଥିବା ବେଳେ ବେଳାଭୂମିରେ ଟ୍ୟାଙ୍କ ଓ କମାଣ୍ଡୋ ବାହିନୀ ବିଭିନ୍ନ ଉପକରଣ ସାହାଯ୍ୟରେ ଅଭ୍ୟାସ କରୁଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି କାର୍ଯ୍ୟକ୍ରମରେ ଯୋଗଦେବେ ବୋଲି ଜଣାପଡିଛି। ଏଥିପାଇଁ ପୁଲିସ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି। ନୌସେନା ଦିବସକୁ ଦୃଷ୍ଟିରେ ରଖି ପୁରୀ ସମୁଦ୍ରରେ ମାଛ ମାରିବା ଉପରେ କଟକଣା ଜାରି କରାଯିବା ସହ ପର୍ଯ୍ୟଟକଙ୍କ ନିମନ୍ତେ ବେଳାଭୂମିକୁ ଯିବାପାଇଁ ବାରଣ କରାଯାଇଛି।

***HS***

## ବିମାନ ଉଡ଼ାଣ

ଭୁବନେଶ୍ୱରରୁ ଆସନ୍ତା ନୂଆବର୍ଷରୁ ପାଞ୍ଚଟି ନୂଆ ସ୍ଥାନକୁ ବିମାନସେବା ଆରମ୍ଭ ହେବ। ଜାନୁୟାରୀ ପହିଲାରୁ ମଧ୍ୟପ୍ରଦେଶରର ଇନ୍ଦୋର ଓ ଉତ୍ତରାଖଣ୍ଡର ଡେରାଡୁନକୁ ବିମାନସେବା ଆରମ୍ଭ ହେବାକୁ ଥିବାବେଳେ ଜାନୁଆରୀ ୩ ତାରିଖରୁ ଉତ୍ତରପ୍ରଦେଶର ଲକ୍ଷ୍ନୌ, ରାଜସ୍ଥାନର ଜୟପୁର ଓ କେରଳର କୋଚିକୁ ବିମାନ ଉଡ଼ାଣ ଆରମ୍ଭ ହେବ।

***HS***

## ଶିଳ୍ପ ବିଭାଗର ବାର୍ଷିକ ଉତ୍ସବ

ଭୁବନେଶ୍ୱରସ୍ଥିତ ଗୀତଗୋବିନ୍ଦ ସଦନରେ ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ଶିଳ୍ପ ବିଭାଗର ୪୪ତମ ବାର୍ଷିକ ଉତ୍ସବ ପାଳିତ ହୋଇଛି। ବିଭାଗୀୟ ପ୍ରମୁଖ ଶାସନ ସଚିବ ହେମନ୍ତ କୁମାର ଶର୍ମାଙ୍କ ଅଧ୍ୟକ୍ଷତାରେ

ଆୟୋଜିତ କାର୍ଯ୍ୟକ୍ରମରେ ଶିଳ୍ପ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି ଓଡ଼ିଶାକୁ ଏକ ଶିଳ୍ପସମୃଦ୍ଧ ରାଜ୍ୟ ଭାବେ ପରିଚିତ କରାଇବା ଏବଂ ଦକ୍ଷ ମାନବ ସମ୍ବଳର ବିକାଶ କରିବା ଦିଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅଗ୍ରାଧିକାର ଦେଉଛନ୍ତି ।

***BBSR***

## 'ସାବରମତୀ ରିପୋର୍ଟ' ଓଡ଼ିଶାରେ କରମୁକ୍ତ

ବଲିଉଡ଼ ଚଳଚ୍ଚିତ୍ର 'ଦ ସାବରମତୀ ରିପୋର୍ଟ'କୁ ରାଜ୍ୟ ସରକାର କରମୁକ୍ତ କରିଛନ୍ତି ବୋଲି ଏ ନେଇ ଗୃହରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ ସୂଚନା ଦେଇଛନ୍ତି । ଏହି ଚଳଚ୍ଚିତ୍ରକୁ ଗତକାଲି ବାଚସ୍ପତି ସୁରମା ପାଢ଼ୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ ବିଜେପିର ମନ୍ତ୍ରୀଗଣ ଭୁବନେଶ୍ୱରସ୍ଥିତ ସ୍ଥାନୀୟ ହଲ୍‌ରେ ଦେଖିଥିଲେ ।

***Desk***

## ପି.ଏମ୍. ଆବାସ - ମାର୍ଗଦର୍ଶିକା

ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅଧୀନରେ ଗୃହ ଆବଣ୍ଟନ ନେଇ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ନୂଆ ମାର୍ଗଦର୍ଶିକା ପ୍ରସ୍ତୁତ କରାଯାଇଛି । ଆବେଦନକାରୀ ଆବାସ ସଂକ୍ରାନ୍ତ ସମସ୍ତ ତଥ୍ୟ ସିଧାସଳଖ 'ଆବାସ ପ୍ଲସ୍' ପୋର୍ଟାଲ୍‌ରେ ଅପ୍‌ଲୋଡ୍ କରିପାରିବେ । ଯୋଜନା ପ୍ରଣୟନରେ ସ୍ୱଚ୍ଛତା ଏବଂ ଏହାର ସୁଫଳ ଯୋଗ୍ୟ ହିତାଧିକାରୀ ନିକଟରେ ପହଞ୍ଚାଇବା ଲକ୍ଷ୍ୟରେ ଏହି

ମାର୍ଗଦର୍ଶିକା ପ୍ରସ୍ତୁତ କରାଯାଇଥିବା ପଞ୍ଚାୟତିରାଜ ବିଭାଗ ସୂଚନା ଦେଇଛି। ଏଥିପାଇଁ ପଞ୍ଚାୟତ ସ୍ତରରେ କର୍ମଶାଳାମାନ ଆୟୋଜନ କରାଯିବ ବୋଲି ବିଭାଗ କହିଛି।

***Nayagarh, Boudh***

## ବାଲ୍ୟବିବାହ ମୁକ୍ତ ଭାରତ ଅଭିଯାନ

ନୟାଗଡ଼ ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ବାଲ୍ୟବିବାହ ମୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ଅକ୍ଷୟ ସୁନିଲ୍ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବାଲ୍ୟବିବାହ ପରି ଏକ ସାମାଜିକ ବ୍ୟାଧିକୁ ସମାଜରୁ ମୂଳୋତ୍ପାଟନ କରିବା ପାଇଁ ସବୁ ବର୍ଗର ଲୋକଙ୍କୁ ଏକାଠି କାମ କରିବାକୁ ସେ ଆହ୍ୱାନ ଦେଇଥିଲେ। ଏଥିରେ ବିଭିନ୍ନ ବିଭାଗୀୟ କର୍ମଚାରୀ ଏବଂ ଶିଶୁ ସୁରକ୍ଷା ଅନୁଷ୍ଠାନର କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ।

ସେହିପରି ବୌଦ୍ଧ ଆଦର୍ଶ ସ୍ନାତକ ମହାବିଦ୍ୟାଳୟ ପରିସରରେ ବାଲ୍ୟବିବାହ ମୁକ୍ତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବାଲ୍ୟବିବାହକୁ କିପରି ରୋକାଯାଇପାରିବ ଏବଂ ଏ ସମ୍ପର୍କିତ ଦଣ୍ଡବିଧାନ ଉପରେ କାର୍ଯ୍ୟକ୍ରମରେ ଆଲୋଚନା କରାଯାଇ ଶପଥପାଠ ହୋଇଥିଲା।

***Nayagarh***

## ତ୍ରୟମାସିକ ବୈଠକ

ନୟାଗଡ଼ଠାରେ ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାଶ୍‌ଙ୍କ ଅଧ୍ୟକ୍ଷତାରେ ଭାରତୀୟ ଷ୍ଟେଟବ୍ୟାଙ୍କ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରତିଷ୍ଠାନର ଦ୍ୱିତୀୟ ତ୍ରୟମାସିକ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ତାଲିମ ପ୍ରତିଷ୍ଠାନ ନିର୍ଦ୍ଦେଶକ ଅଜିତ୍ ମହାନ୍ତିଙ୍କ ସମେତ ନାବାର୍ଡ ଅଧିକାରୀ, ଜିଲ୍ଲା ସୂଚନା ଲୋକସମ୍ପର୍କ ଅଧିକାରୀ ଯୋଗଦେଇ ତାଲିମ ପ୍ରତିଷ୍ଠାନର ସୁପରିଚାଳନା ନେଇ ପରାମର୍ଶ ଦେଇଥିଲେ।

***Ganjam***

## ସମୀକ୍ଷା ବୈଠକ

ଗଞ୍ଜାମ ଜିଲ୍ଲାର ଋଷିକୁଲ୍ୟା ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ମଧୁମିତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବନସୁରକ୍ଷା ସମିତି, ଗ୍ରାମୀଣ ଗୃହ, ଓରମାସ୍ ଓ ସୁଭଦ୍ରା ଯୋଜନା ସହ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ଓ ସମୀକ୍ଷା କରାଯାଇଥିଲା।

***Boudh***

## କବାଡ଼ି ଓ ଖୋ ଖୋ ପ୍ରତିଯୋଗିତା

ବୌଦ୍ଧ ଜିଲ୍ଲା ପଲସାଗୋରା ମହାବିଦ୍ୟାଳୟରେ ଯୁକ୍ତ ଦୁଇ କାଉନସିଲ୍ ଜୋନ୍-ଇ ସ୍ତରୀୟ କବାଡ଼ି ଓ ଖୋଖୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏ ପ୍ରତିଯୋଗିତାରେ ୫ଟି ଜିଲ୍ଲାର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ।

***Kandhamal***

# ମାଓବାଦୀ ଆତ୍ମସମର୍ପଣ

କନ୍ଧମାଳ ଏସ୍.ପି.ଙ୍କ ନିକଟରେ ଜଣେ କ୍ୟାଡର ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଦକ୍ଷିଣାଞ୍ଚଳ ଡିଆଇଜି ସାର୍ଥକ ଷଡ଼ଙ୍ଗୀଙ୍କ ଉପସ୍ଥିତିରେ ମାଓବାଦୀ ବିଜା ମାଡବୀ ଓରଫ୍ ଟିକେଶ୍ ଆତ୍ମସମର୍ପଣ କରିଛନ୍ତି। ଏହି ମାଓବାଦୀଙ୍କ ଘର ଛତିଶଗଡ଼ ରାଜ୍ୟର ସୁକ୍‌ମା ଜିଲ୍ଲାର କିସ୍ତାରାମ ଥାନା ଅନ୍ତର୍ଗତ ମଙ୍ଗଳଗୁଡ଼ା ଗ୍ରାମରେ ଥିବା ଏସ୍.ପି. ହରିଶ ବିଶି କହିଛନ୍ତି।